
ସ୍ୱାଗତଂ ଲେନିନା

# ସ୍ୱାଗତମ୍ ଲେନିନା

ଲେଖକ : ଶ୍ରୀ ସୁଭାଷଚନ୍ଦ୍ର ପଟ୍ଟନାୟକ , ତିଗିରିଆ ।
ସରକାରୀ ନିବାସ : ଭି.ଆର୍. ୩୨ , ୟୁନିଟ ୬ ,
ଭୁବନେଶ୍ୱର , ଓଡ଼ିଶା , ୭୫୧୦୦୧

**ମଇ ୦୧, ୨୦୧୦**

# *Swagatam Lenina*

*Poet : Sri Subhas Chandra Pattanayak of Tigiria*
*V. R. - 32 , Unit - 6 , Bhubaneswar*
*Orissa, India, 751001*

***May 01, 2010***


## ଅର୍ପଣ

ମୋ ଝିଅର ଝିଅ କୁହୁ , ଯେ ତାର ଜନ୍ମଦିନ -
ସେପ୍ଟେମ୍ବର ୦୬, ୨୦୦୭ରୁ ନିୟତ ମୋତେ
ଜୀବନ୍ମୟ କରି ରଖିଛି, ତାହାରି କରକମଳରେ ।

## ସ୍ୱଗତେ ପଦେ

ମୋ ପୁଅ ଶାଶ୍ୱତ ଓ ବୋହୁ ଅମୃତା ଦେଇଛନ୍ତି ମୋତେ ମୋର ସର୍ବଶ୍ରେଷ୍ଠ ଇପ୍ସିତ ଉପହାର ୭ ବର୍ଷର ମଇ ପହିଲାରେ , ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁ ୟର୍କ୍ ସହରରେ । ଜନ୍ମ ନେଇଛି ***ଲେନିନା*** । ମୋ ସ୍ତ୍ରୀ ଓ ମୁଁ ସ୍ୱାସ୍ଥ୍ୟଗତ କାରଣରୁ ଅଟକିଯାଇଛୁଁ ଭୁବନେଶ୍ୱରରେ ।

କିନ୍ତୁ ଆମେ କଣ ସତରେ ଏଇଠି ?



# ସୂଚୀପତ୍ର


| ଶୀର୍ଷକ | ପୃଷ୍ଠା |
|---|---|
| ପ୍ରଥମ ପ୍ରତିକ୍ରିୟା | ୦୬ |
| ଆନନ୍ଦାଶ୍ରୁ | ୦୯ |
| ଆଗୁଆ ଆକଳନ | ୧୧ |
| ଆଗାମୀ ସୁଖ | ୧୨ |
| ନୂଆ ସ୍ପନ୍ଦନ | ୧୩ |
| ପୁଲକ | ୧୪ |
| ପୂରିବ ଓରମାନ | ୧୬ |
| ସୁନାରୀଫୁଲର ଋତୁ | ୨୨ |
| ଆଉ ଅଳ୍ପ ଦିନେ | ୨୩ |
| ଶୁଭରେ ଆସୁ | ୨୫ |
| ମାଆ | ୨୭ |
| ଗର୍ବ ଗନ୍ତାଘର | ୨୮ |
| ସ୍ୱାଗତମ୍ | ୩୦ |

# ପ୍ରଥମ ପ୍ରତିକ୍ରିୟା

ଫେବୃୟାରୀ ୨୮, ୨୦୧୦ ତାରିଖରେ ମୋ ପୁଅ ଶାଶ୍ୱତର ଇ-ମେଲ୍‌ରୁ ଜାଣିଲି ଯେ ଝିଅଟିଏ ହେବ ଏବଂ ତତ୍ ସଙ୍ଗେ ସଙ୍ଗେ ବିଜ୍ଞାନର ଚମତ୍କାର କଲ୍ୟାଣ ହେତୁ ମାତୃଗର୍ଭରେ ଥିବା ତାର ପାଦ ଓ ମୁହଁର ଚିତ୍ର ବି ପାଇଗଲି । ବିସ୍ମିତ ଆନନ୍ଦରେ ଭରିଗଲା ସମଗ୍ର ହୃଦୟ । ମୋ ପୁଅର ଇ-ମେଲ୍ ଯେହେତୁ ଇଂରାଜୀରେ ଥିଲା , ତତ୍କାଳ ସେହି ଭାବାବିଷ୍ଟ ମୁହୂର୍ତ୍ତରେ ଇଂରାଜୀରେ ହିଁ ଲେଖିଥିଲି ମୋର ପ୍ରଥମ ପ୍ରତିକ୍ରିୟା । ତେଣୁ ଏହାକୁ ଏହିଠାରେ ଦେଉଛି , ଯଦିଓ ଏହାର ପରବର୍ତ୍ତୀ କବିତାଗୁଡ଼ିକ ଅଛି ମାତୃଭାଷା ଓଡ଼ିଆରେ ।

ON SEEING ***LELINA SUBHAS*** IN ADVANCE

She looks like you,
My son,
She smiles like you
She fills up my heart
In ecstasy like you.

When in the picture,
Around three months pre-natal,
I saw her,
Was it the first time that could I see her?
Or was she there for ever, for ever, for ever?
In my soul, in my blood, in everything I adore?

Was she there in the first rays of the Sun?
In the enchanting smiles of the Moon?
Was she there in the buzzing of bees?
In the notes of the birds,
In the dreams of future boom?

Was she there in the melodies of Nature?
In the beads of dew?
In the feelings of pleasure?
Was she there in the nectar of solitude?
Also in society's restless roar?

Was she there in the fragrance of flowers?
In the murmur of showers, post-summer?
Was she there in my inner I
That I was not able to discover so far?

Amrita, my darling,
How can I thank you for making me
myself once again?
And, Saswat, my soul,
How can I tell you how eagerly I wait
for Lenina's reign?

*Sri Subhas Chandra Pattanayak*
February 28, 2010

ଏବଂ ଏହାପରେ...................

# ଆନନ୍ଦାଶ୍ରୁ

ଢଳ ଢଳ ହୁଅ ନୟନେ ନୟନେ
ପଳ ପଳ ମୋର ଜୀବନେ ଜୀବନେ
ଲୁହ !
ଦୁଃଖେ ତ କେବେ ପଡ଼ିନାହଁ ଝରି
ସୁଖରେ କାହିଁକି ନିର୍ଗତ ହେବ ?
କୁହ ।

ଭର ଭର ମୋର ଶୋଣିତେ ଶୋଣିତେ
ମୂର୍ଚ୍ଛନା ଆଗାମୀର
ଲେନିନା ଆସୁଛି, ଲେନିନା ଆସୁଛି,
କୁହ ମୋତେ ବାରବାର ।

ସ୍ୱଚ୍ଛ ତୁମର ରୂପେ ରୂପେ ରୂପେ
ଫୁଟି ଉଠୁ ତାର ରୂପ
ଫୁଟି ଉଠୁ ମୋର ପୁଅର ସ୍ୱପ୍ନ-
ସ୍ପନ୍ଦନ ଅନୁରୂପ ।

ଖେଳି ଉଠୁ ତାର ପିଲାବେଳ ମୋର
ମନ-ଅଙ୍ଗନେ ବାର ବାର ବାର,
ବାରେ
ଏଇ ନିମିଷରେ ତମ ସୌତ୍ୟରେ
ଫେରିଆସୁ ତାର ଜନ୍ମର ବେଳ
ପୁନରପି ମୋର ମନ ଗହନର
କୋଳେ ।

ଅନନ୍ୟ ସେହି ସେ ରୋମାଞ୍ଚ କେସନେ
ସଞ୍ଚାରୁ ଥିଲା ଭୟ ମନେ ମନେ,
ଆଗାମୀ ସୁଖର ପୁଲକ କିପରି
ଆଣୁଥିଲା ଟାଣି ଘର୍ମର ବାରି ,
ପ୍ରସବ କଷ୍ଟେ କୁନ୍ଥନେ କୁନ୍ଥନେ
ସୃଷ୍ଟିର ମହା ସାଗରର ମନ୍ଥନେ
ମଜ୍ଜି ମୋ ପ୍ରାଣ ସହଚରି କେଉଁପରି
ଅମୃତ ଆଣି ହୃଦୟେ ମୋ ଥିଲା ଭରି ,
ତମ ସମତାଳେ ଝଳି ଝଳି ଝଳି
ଆନନ୍ଦାଶ୍ରୁ ଗୋ ତାହା
ପୂର୍ଣ୍ଣ କରୁ ମୋ ହିୟା ।
ଆଗାମୀ ସ୍ୱର୍ଣେ ଅତୀତ ଉଠୁ ଗୋ ମାତି
ମାତି ଉଠୁ ତାର ସମତାଳେ ମୋର ସଂସାର ସଂପ୍ରତି ।

# ଆଗୁଆ ଆକଳନ

ନିରବ ରହ ନିରବ ରହ ନିମିଷ
ସରବ ଆଜି ନିଖିଳ ମୋର ଆୟୁଷ ।

ପାଖେଇ ଆସେ, ପାଖେଇ ଆସେ,
ଏପରି ଏକ ଦିନ
ଯେଦିନ ମୋର ସକଳ ସତ୍ତା
କରିବ ନୂଆ ସ୍ୱରୂପ ପରିଧାନ ।

ଅମୃତା ମୋ ପୁତ୍ରବଧୂ ପ୍ରାଣର ଧନ ମୋର
ଆଣିବ ଆଉ ଅଳ୍ପ ଦିନେ ଅମୃତର ନୂତନ ଏକ ଧାର ।

କେସନେ ସତେ ସେବେଳେ ହେବ ମନ
ସମୟ ! ମୋତେ ସମୟ ଦିଅ,
କରେ ମୁଁ ତାର ଆଗୁଆ ଆକଳନ ।

# ଆଗାମୀ ସୁଖ

ପୃଥିବୀ ତମାମ
ଥିଲେ ଓ ଅଛନ୍ତି ପୁଅ
ଯେତେ ବାପ ସେତେ
ଅବା ତତୋଧିକ ;
ସବୁ ପୁଅ କିନ୍ତୁ ଶାଶ୍ୱତ ସମ ନୁହଁ ।

ସେ ମୋର ତନୟ , ସେ ମୋର କୀର୍ତ୍ତି ,
ସେ ମୋ ଚେତନାର ସାକାର ମୂର୍ତ୍ତି ,
ସେ ମୋ ବିବେକର ରକ୍ଷକ, ମୋର ସାଥୀ,
ସେ ମୋହର ତେଜ, ସାଲିସବିହୀନ ଶକ୍ତି ।

ତା ଠାରୁ ଏବେ ମୁଁ ପାଇବାକୁ ଅଛି
ଅନାବିଳ ତାର ଭଲପାଇବାର ଫୁଲ,
ଆଗାମୀ ସୁଖର ପଦପାତ ଶୁଭେ,
ପରାଣ ମୋ ଉତ୍ଫୁଲ୍ଲ ।

# ନୂଆ ସ୍ପନ୍ଦନ

ନାଲି ଟୁକୁ ଟୁକୁ ସାଧବବୋହୁ
ସପନରେ ଆସି ମାନସ ମୋହୁ ।
ସଙ୍ଗୀତ ଭରୁ ବୁକୁରେ ମୋର
ନୂଆ ସ୍ପନ୍ଦନେ ନାଚେ ମୋ ଲହୁ ।

ଲେନିନ ପରି ତୁ ନୂଆ ଦୁନିଆଁ
ଗଢ଼ିବାରେ ଦିନେ ହେବୁ ଆଗୁଆ ।
ସ୍ଥୁଳଦେହେ ସିନା ନ ଥିବି ମୁହିଁ,
ଅନନ୍ୟ କୀର୍ତ୍ତି ରଚିବୁ ତୁହି ।

ସଚରାଚର ଏ ବିଶ୍ୱ ପାଇଁ
ଅସୀମ ଶ୍ରଦ୍ଧା ଆବେଗ ନେଇ
ମାତା ପିତା ତୋର କାର୍ଯ୍ୟରତ
ହେବୁ ତାଙ୍କ ସମ ସମାଜ ସ୍ନେହୀ ।

# ପୁଲକ

ହଠାତ୍ ଭାଜିଲେ ନିଦ ନିଶାର୍ଦ୍ଧରେ
ମୋ ଭିତରେ ମୁଁ କି ଉଠି ପଡ଼େ ?
ଉଡ଼ିଯାଏ ଗୋଲକର ଅପର ପାର୍ଶ୍ୱକୁ
ନ୍ୟୁ ୟର୍କ୍ ସହରକୁ ? ନିଜ ଅଲକ୍ଷରେ ?

ମୁଁ କି ଯାଇ ଠିଆ ହୁଏ
ପୁତ୍ରବଧୂ ଅମୃତାର ପାଶେ ?
ଆଉଁଶି ଦିଏ ତା ମଥା
ସଂଚାଳି ମୋ ସକଳ ଆଶୀଷେ ?

ମୁଁ କି ଧୀରେ କଥା ହୁଏ
ଅତି ସନ୍ତର୍ପଣେ
ମାତୃଗର୍ଭେ ଶାୟିତା ମୋ
ରଙ୍ଗର ରତନେ ?

''ଶୋଇଥାଅ ଜେମାମଣି ,
ଶୋଇଥାଅ ନିଶ୍ଚିନ୍ତ ମନରେ
ଧରାବତରଣ ବେଳ ହେବାଯାଏଁ,
ଜନନୀ ଜଠରେ''

କହୁ କହୁ ଏଇ କଥା,
ନୟନୁଁ ମୋ ଝରେ କି ଲୋତକ ?
ସେ ଲୋତକେ ପକ୍ଷୁଁ ପକ୍ଷୁଁ
ସ୍ରବେ କି ପୁଲକ ?

ସେ ପୁଲକେ କ୍ରମେ କ୍ରମେ ନିଦ୍ରା ତେଜି,
ନିଦ୍ରା ବି ନ ତେଜି,
ନାତୁଣୀ ରତନ ମୋର ଅନୁଭବେ ମୋତେ କି
ତା ଆଖି ରଖି ବୁଜି ?

# ପୂରିବ ଓରମାନ

ଏତେ ଦିନ ଧରି ଜିଇଁଲି ଜୀବନ
ନ ଥିଲି ତ ଜାଣି ଏତେ ଶୀହରଣ
ଖେଳିପାରେ ବୁକୁ ତଳେ ,
ଆଜି ସଂଧ୍ୟାରେ ଯେପରି ଜାଣିଲି
ବଗିଚାରେ, ନିରୋଳାରେ ।

ଜମିଆସୁଥିବା ଅନ୍ଧାର ସାଥେ ଯୁଦ୍ଧ ରତ
ନିଖିଳ ଆକାଶେ ଚିକ୍‌ମିକ୍‌ ଯେତେ ତାରା,
କହିଲେ ଗୋଟିଏ କଥା ବାରବାର
ଉତ୍ସୁକ କାନେ ମୋର –
ପଶ୍ଚିମ ଦେଶ ଉଜ୍ଜ୍ୱଳ କରି
ଅମୃତା କୋଳ ମଣ୍ଡନ କରି
ଶାଶ୍ୱତ ଶିରଃ ସ୍ପର୍ଦ୍ଧିତ କରି
ଆଲୋକର ଏକ ନୂଆ ବର୍ତ୍ତିକା ଅବତାର ନେବ ପରା !

କେତେ କାଳ ଆଉ ବାକି ଅଛି ସେଇ ଦିନ ?
ଭାବୁ ଭାବୁ ପୁଣି ଆନ ଆଡ଼େ ଗଲା ମନ ।

ଆଲୋକର କ'ଣ ଦେଶ ବିବେଚନା ଥାଏ ?
ଆଲୋକ ତ କେଉଁ ସୀମା ସରହଦେ କେବେ ବି ବନ୍ଦୀ ନୁହେଁ ।
ପଶ୍ଚିମ କିସ ? ପୂର୍ବ ବା କିସ ?
ଉତ୍ତର କିସ ? ଦକ୍ଷିଣ କିସ ?
ଦେଶ, ମହାଦେଶ,
ବିଦେଶ ବା କିସ ?
ବିଶ୍ୱ ଜନନୀ ବିନା ବିଭେଦେ ତ ମଣିଷ ଭିଆଇ ଥାଏ ।
ପୃଥ୍ୱୀ ବୁକୁରୁ ପୃଥକ ହେବା ତ
କେଉଁ ଦେଶପାଇଁ କେବେ ସମ୍ଭବ ନୁହେଁ ।

ମନ ତଳେ କିଏ କହିଲା ସତ ହେ !
ଦେଶ ପରଦେଶ ଭାବନା ବିଷ ହେ
ନିରୋଳା ମଣିଷ ପାଇଁ;
ଗୋଟେ ଗୋଟେ ଜାଗା କବ୍‌ଜାରେ ରଖି
ସ୍ୱଲାଭ ସକାଶେ ସେଠା ନିରିମାଖି
ଲୋକଙ୍କୁ ଶୋଷିବା ପାଇଁ
ରାଜତନ୍ତ୍ର ବା ଗଣତନ୍ତ୍ର ବା ଧନତନ୍ତ୍ରର
ଯେତେ ଜାରିକାରୀ ପ୍ରୟୋଗ କରନ୍ତି ବଳତନ୍ତ୍ରର

ସେହିମାନଙ୍କର ଦୂଷିତ ପ୍ରଭାବେ ଭାଙ୍ଗି ପଡ଼ଇ ମହି ।
ଶୋଷକ ପାଲରେ ଶୋଷିତ ଭାବଇ -
ସେ ଖଣ୍ଡ ବିଦେଶ, ଏ ଖଣ୍ଡ ସ୍ୱଦେଶ ଭୂଇଁ ।
ସେଥିପାଇଁ , ସେଥିପାଇଁ
ନିରୋଳା ମଣିଷ ସଦା ଚେଷ୍ଟିତ ତାର ପ୍ରତିକାର ପାଇଁ ।

ନିରୋଳା ମଣିଷ ଆଖିରେ ପରା ଏ ବିଶ୍ୱ ଏକ ।
ବିଶ୍ୱ ଏକ ।
ମାର୍କ୍ସ , ଲେନିନ୍ ଦେଇଥିଲେ ଡାକ -
ସାରା ଦୁନିଆଁର ଶ୍ରମିକ ଶୋଷିତ ସଭିଏଁ ଏକ ।
ହୁଅରେ ଏକ ।
ବିଶ୍ୱବ୍ୟାପୀ ଶୋଷଣଚକ
ଅଚଳ କରି ଟେକ ହେ ଟେକ
ମୁକ୍ତିର ବୈରଖ,
ବିଶ୍ୱଯାକର ଶ୍ରମିକ ଶୋଷିତ ହୁଅ ହେ ଏକ ।
ଏଥିରେ ନ ଥିଲା ଦେଶ ବିଭାବନା ,
ଥିଲା ତ ଏକଇ ଧରଣୀ ଚେତନା,
ବିଶ୍ୱମାନବ ଐକ୍ୟର ପ୍ରଚୋଦକ ।
ଦେଶ ସୀମା ଭୁଲି ନିଖିଳ ମଣିଷ
ବିଶ୍ୱ-ଚେତନା- ମୁକୁରେ
ସଧୀରେ

ସୁରୁ କରିଥିଲା ଦେଖିବାକୁ ତାର
ଶ୍ରେଣୀ ଝଲକ ।
ତାହା ହିଁ ତ ଥିଲା ବିଶ୍ୱ ଧାରଣା ପ୍ରଷ୍ଫୁଟକ ।

ସାରା ବସୁଧାର ଯେତେ ଯେ ନିବାସୀ କୁଟୁମ୍ବ ଏକ
କହିଥିଲେ ପରା ଭାରତର ଆଦି ଦାର୍ଶନିକ ;
ବିନୋଭା ଭାବେଙ୍କ "ଜୟ ଜଗତ"ର ଲାରାରେ
ଏହି ଚେତନା ତ ଥିଲାରେ ;
ବୁଦ୍ଧଦେବରୁ ଜଗନ୍ନାଥ କ୍ରମବିକାଶେ
ଓଡ଼ିଆ ଜାତିର ଜଗତ ଚେତନା ଝଲସେ ।
ଯେତେ କବି ଯେତେ ବିଜ୍ଞାନୀ ଯେତେ ଏଷକ
ସଭିଙ୍କ ଭିଆଣୁ ବିଶ୍ୱ ତ ଶୁଭପ୍ରାପକ ।
ତେଣୁ ତ ନିରୋଳା ମଣିଷ ଆଖିରେ
ନିଖିଳ ମଣିଷ ବିଶ୍ୱ ଦାୟାଦ, ବିଶ୍ୱ ଏକ ।
ସାରା ବସୁଧାର ଯେତେ ଯେ ନିବାସୀ କୁଟୁମ୍ବ ଏକ ।

ଏଣୁ ଏ ସଞ୍ଜେ
ଆଜି ଯେତେବେଳେ
ନିରୋଳା ଏ ବଗିଚାରେ
ମାନସେ ଆସିଲା
ନାତୁଣୀ ରତନ ଜନମିବେ ବିଦେଶରେ ;

ମନ ତଳେ ତଳେ ମନ୍ତ୍ରି ଉଠିଲା -
ଭଲ ହେଲା, ଭଲ ହେଲା,
ପୂରୁବ ପଛିମ ଗୋଟିଏ ବୃନ୍ତେ ଏକ ହୋଇଯିବେ ପରା !
ଐକ୍ୟର ଏହି ତାନେ
ନାତୁଣୀ ମୋହର ପୁଷ୍ଟ କରିବ ନୂଆ ଦୁନିଆଁରେ ଦିନେ ।

ଆସିବ ସେଦିନ, ଯେଦିନ ନ ଥିବ ଦେଶ ବିଦେଶର ଭେଦ,
ମଣିଷ ଭିତରେ ଦ୍ୱନ୍ଦ୍ୱ ନ ଥିବ
ଗଣ ହନନକ ଅସ୍ତ୍ର ନ ଥିବ
ପୁଞ୍ଜିବାଦ ବା ସାମ୍ରାଜ୍ୟବାଦ,
ଶୋଷଣବାଦ ବା ସନ୍ତ୍ରାସବାଦ
ହାରି ସାରିଥିବ ;
ହଜିଯାଇଥିବ ଧରଣୀ ଉପରୁ ଦେଶ ସାମା ସରହଦ ।

ସେପରି ଏକ ଦୁନିଆଁ ପାଇଁ
ସ୍ୱପ୍ନ ଫୁଟେ ,
ସ୍ୱପ୍ନ ତୁଟେ ,
ସ୍ୱପ୍ନ ପୁଣି ଫୁଟେ ,
ଶୀଘ୍ର ତା'ରେ ଦେଖିବା ପାଇଁ
ଧୈର୍ଯ୍ୟ ମୋର ତୁଟେ ।

ରକ୍ତେ ରକ୍ତେ ଖେଳଇ ମୋର ନୂତନ ଶୀହରଣ
ନ୍ୟୁୟର୍କେ ଘଟିବ ମୋର ନାତୁଣୀ ଆଗମନ
ମଣିଷକୃତ ନକ୍ସା ସୀମା କରି ହିଁ ପ୍ରତ୍ୟାଖ୍ୟାନ
ମୋ ଶୋଣିତେ ତା ଶୋଣିତେ ଘଟିବ ବିଶ୍ୱାୟନ ।

ଡେରି ତ ନାହିଁ, ଡେରି ତ ନାହିଁ
ସ୍ୱାଗତ ତାରେ କରିବା ପାଇଁ
ଜାଗି ଉଠଇ ପ୍ରାଣ ;
ତମସା କୋଳୁଁ ଅଲୋକଦାୟୀ
ତାରକାବଳୀ ଆଶ୍ୱାସଇ,
ପୂରିବ ଓରମାନ ।
ରକ୍ତେ ମୋର ଅପ୍ରମିତେ ଖେଳଇ ଶୀହରଣ ।

# ସୁନାରୀଫୁଲର ଋତୁ

ସୁନାରୀଫୁଲର ଋତୁ ଆସିଗଲା ,
ଓଡ଼ିଶାରେ ଗ୍ରାମେ ଓ ସହରେ ;
ବସନ୍ତର ନବପତ୍ର ହେଲାଣି ହରିତ
ପ୍ରଖର ହେଲାଣି ଗ୍ରୀଷ୍ମ ,
ବର୍ଷା ଯା'ର ଗରଭେ ସଂଚରେ ।

ପରିବର୍ତ୍ତନର ଏହି ମହାପର୍ବେ ଆସିବ ଅଚିରେ
ମୋ କୁଳଚନ୍ଦ୍ରମା ଦୂର ଆମେରିକା କୋଳେ ।

ଗ୍ରୀଷ୍ମ କୋଳୁ ବର୍ଷାର ଉଦ୍ଗମ ପରି ବିଦାରି ଏ ସମୟ ନିଠୁର
ସେ ଆଣିବ ସୁଧାବର୍ଷୀ ଭବିଷ୍ୟର ଅମୃତ ସ୍ୱାକ୍ଷର ।

ଚାରିଆଡ଼ ମୁଖରିତ କୋକିଳର କଳରବେ ଏବେ
ସୁନାରୀଫୁଲର ଋତୁ ଆସିଗଲା ଉତପ୍ତ ଏ ଭବେ ।

# ଆଉ ଅଳ୍ପ ଦିନେ

ମୋର ଏ ତ ପରିପୂର୍ଣ୍ଣ ଘର
ପ୍ରତିଦିନ ଥାନ୍ତି ଏଥି ହାରାହାରି ଡଜନେ ମଣିଷ
ମୋ ନିଜ ରକ୍ତର , ମୋ ଗ୍ରାମର ଅବା ଅଞ୍ଚଳର
ଅଥବା ଥାଆନ୍ତି ବନ୍ଧୁ ବାନ୍ଧବ ସ୍ତରର ।

ସଦାଶୟୀ ପତ୍ନୀ ମୋର ଦୀପ ପରି ଆପେ ଜଳି ଜଳି
ସଭିଙ୍କ ସେବାରେ ଥାଏ ଅହରହ ଦିବସ ଶର୍ବରୀ ।

କୁହୁ, ମୋ ନାତୁଣୀ,
ମୋ ଝିଅର ସୁଧାଭରା ଉପହାର ,
ଯା'ର କିଛି ତୁଳନା ଥାଏନି ।
ତା ହେତୁ ଆନନ୍ଦମୟ ମୋ ସାରା ଅବନୀ ।

ଜର୍ମାନ୍ ସେଫାର୍ଡ ଟମୀ
ଆନୁଗତ୍ୟେ ସଦା ଅନୁପମ,
ମମତା-ମେଦୁର ତାର ଆଚରଣ
ସର୍ବଥା ନିଷ୍କାମ ।

ସଂଖ୍ୟାରେ ଅଳପ କିନ୍ତୁ ଶ୍ରଦ୍ଧାରେ ଅସୀମ
ସତୀର୍ଥମାନଙ୍କ ହେତୁ ଏ ଜୀବନ ଏବେ ବି ଉଦ୍ଦାମ ।

ଏ ସତ୍ତ୍ୱେ ବିଦେଶସ୍ଥିତ ମୋ ଦୁଇ ନୟନ
ପୁତ୍ରବଧୂ ଅମୃତା ଓ ପୁତ୍ର ମୋ ଶାଶ୍ୱତ
କେସନେ କରିଲେ ସତେ ଏ ଅବଲୋକନ :
ଏକଇ ଅଭାବବୋଧ କରୁଥାଏ ମୋତେ ଅଣାୟତ୍ତ !

ମୋତେ ସୁଖୀ ରଖିବାକୁ ସତତ ଚେଷ୍ଟିତ
ଦୁହେଁ ମିଶି ଏ ଅଭାବ କରନ୍ତି ଦୂରିତ ;
ତେଣୁ ଆଉ ଅଳ୍ପ ଦିନେ ମୋ ସଂସାର କରି ଆଲୋକିତ
ନ୍ୟୁ ୟର୍କ୍ ନଗରୀରେ ଲେନିନା ମୋ ହେବ ଆବିର୍ଭୂତ ।

ଉଠ ପ୍ରାଣପ୍ରିୟା ମୋର !
ଉଠ ଗୋ ସବିତାରାଣି ! ଉଠ !
ଉଠୁ ଏଇ ନିଶିଘୋରେ
ତମ କରେ , ମୋଓ କରେ
ଦୁନିଆଁର ଅଗୋଚରେ
ଜୀବନର ଶ୍ରେଷ୍ଠ ମହାଦୀପ ,
ସ୍ରଷ୍ଟାର ସମ୍ମାନେ
ପରସ୍ପରେ ଲୁଚାରଖା
ଅବଶୋଷ ଅବସାନେ,
ବଂଶବୃକ୍ଷ ସୁଚାରୁ ସମୀପ ।
ଉଠ ।
ଉଠ ଗୋ ସବିତାରାଣି ! ଉଠ ।

# ଶୁଭରେ ଆସୁ

ଶୁଣ ଗୋ ସବିତା , ଶୁଣ ଗୋ ସବିତାରାଣୀ !
ପୁତ୍ରବଧୂ ଆମ ପ୍ରସୂତିଭବନେ ଯାଏ ଏକ୍ଷଣି ।
ଖବର ପାଇ ,
ଆନନ୍ଦ ଓ ଭୟ ଉଭୟ ମଧ୍ୟେ ଭାସଇ ମୁହିଁ ।

ଲାଗେ ସତେ ଅବା ଆସିଗଲା ପାଶେ ଆମ
ସ୍ୱପ୍ନ ଆମର ସାକାର ହେବାର ଦିନ ।
ଉଠଇ ଭାସି
ମାନସ-ନୟନେ ବଂଶବୃକ୍ଷେ ସ୍ରଷ୍ଟାର ହାସ ରାଶି ।

ସେ ହାସେ ହସେ
ମୋ ସାରା ସତ୍ତା,
ତଥାପି ଶଙ୍କା
ବ୍ୟାକୁଳ କରେ ମନେ ,
ଦୁଇଟି ଆମ ଜୀବନଧନ
ଯେଣୁ ଆମଠୁଁ ଦୂରରେ ଏଇ ଦିନେ ।

ହୁଅ ଉତ୍‌ଥିତ ଶାଶ୍ୱତମାତ ! ଅୟି ମଙ୍ଗଳମୟି !
ସଂସାର ଆମ ଲୋଡ଼େ ଆଜି ତମ ଶକ୍ତି ଗୋ ଚିନ୍ମୟି !
ଅବୟବେ ତମ
ଜାଗିଉଠୁ ଏବେ ଅତିମାନସର ଊର୍ଜନା ଅନୁପମ ।

ମୋ ଦୁଇ ଛୁଆଙ୍କୁ ସାହା ହେଉ ତବ ସୃଷ୍ଟିକାରିଣୀ ଶକ୍ତି
ପ୍ରସବ ସହଜ କରା ଗୋ ଶୁଭଦେ ! ପାତି ତମ ଇଚ୍ଛାଶକ୍ତି ।
ଉଠ ଗୋ ଉଠ ,
ସଞ୍ଚାର କର ତମ ମନୋବଳ ବୋହୁ ପାରୁଶେ ମୋ , ନ କର ମଠ ।

ମୋ ପୁଅ ପାଇଁ ତମେ ତ ଦେବୀ ,
ମୋ ବୋହୁ ପାଇଁ ତମେ ତ ଦେବୀ ,
ତମେ ତ ମୋର ସଂସାରର ଶକ୍ତି ,
ତମରି ଥିର ମନର ତଳେ
ସଭିଙ୍କ ପାଇଁ ଆଶୀଷ ଝରେ ,
ଅତୁଳ ତମ ସାରଲ୍ୟରେ
ସକଳ ଶୁଭ ସ୍ୱରୂପ ଧରେ ,
ତମରି ଶୁଭକାମନା ବଳୁ
ପ୍ରସବକାଳେ ବେଦନା ଜାଳୁ
ବୋହୁ ମୋ ପାଉ ମୁକ୍ତି ।
ଶୁଭରେ ଆସୁ ଧରଣୀବୁକେ
ଆମ ସପନ-ସାକାର-ଅଭିବ୍ୟକ୍ତି ।

# ମାଆ

ତରଳ କନକ ପରି ଅତୀବ କୋମଳ
ସୁନାରୀଫୁଲର ଦଳ ସହେ ତ ପ୍ରଖର
ଖରା ତେଜ , ତେବେ ସିନା ଶୂନ୍ୟରେ ସଂଚରେ
ସମୟର ଗର୍ଭ , ଯହୁଁ ବର୍ଷାଧାରା ଝରେ ।

ଶିରୀଷକୋମଳ ଦେହା ମାଆ ସେହିପରି
ପ୍ରସବ ବେଦନା ସହି ସଂସାରରେ ସୁଖ ଦିଏ ଭରି ।

# ଗର୍ବ ଗଣ୍ଟାଘର

ଗର୍ବ ମୁଁ କରେ, ଗର୍ବ ମୁଁ କରେ,
ପୁଅ ପାଇଁ ମୋର ଗର୍ବ ମୁଁ କରେ,
ରଖିନାହିଁ ମୋତେ ନିମିଷକପାଇଁ
ତା ଠାରୁ ଦୂରେ ,
ଏସନ କଠିନ ବେଳାରେ ଥାଇ ବି
ଅପର ଗୋଲାର୍ଦ୍ଧରେ ।

ନିୟତ ସେ ତ ଜଣାଏ ମୋତେ
ବୋହୁର ସମାଚାର ;
ଏବେ ଯେବେଳେ ଫୋନ୍ କଲି
ଆସିଲା ଭାସି ସେପଟୁ କୁଆଁ ସ୍ୱର ।

କାହାର ସ୍ୱର ? କାହାର ସ୍ୱର ?
ଲେନିନା ସ୍ୱର ! ଲେନିନା ସ୍ୱର !
ରକ୍ତେ ରକ୍ତେ ଚହଟେ ମୋର
ଅୟୁତ ଢେଉ ଅମୃତର ;
ଶୁଣିଲି କାନେ ପ୍ରଥମ କୁଆଁ-
ରବ ମୋ ନାତୁଣୀର ,
ଥାଇ ବି ଏତେ ଦୂର ।
ଏସନ ସୁଖ କପାଳେ ଥାଏ କା'ର ?

ଆସ ଗୋ ଆସ ସବିତାରାଣି !
ଏ ଖିଳ ସୁଖ ତମ କରଣି ।
ନିମିଷେ କାନେ ଦିଅ ଗୋ ରିସିଭର ;
ଶୁଣ ଗୋ ତା'ର ପ୍ରଥମ ସ୍ୱର ।
ସେ ସ୍ୱରେ ତମ ପୁଅର ସ୍ୱର ,
ବୋହୁର ସ୍ୱର ,
ପୃଥ୍ୱୀ ସ୍ୱର,
ସୃଷ୍ଟି ସ୍ୱର,
ଅତୀତ ସ୍ୱର,
ଆଗାମୀ ସ୍ୱର ରହିଛି ଭରପୂର ।
ଶୁଣ ଗୋ ଶୁଣ ସବିତାରାଣି, ପ୍ରଥମ ତା'ର ସ୍ୱର ।

ଘେନରେ ଘେନ ପୁତ୍ର ମୋର
ଘେନ ଗୋ ଘେନ
ପୁତ୍ରବଧୂ ମୋର
ଅଭିନନ୍ଦନ
ଘେନ ମୋ ହୃଦୟର ।
ତମରି ହେତୁ ମିଳିଛି ମୋତେ
ପିଢ଼ି ମୋ ଭବିଷ୍ୟର ।
ମିଳିଛି ମୋର ଗର୍ବ ଗନ୍ତାଘର ।

# ସ୍ୱାଗତମ୍

ସ୍ୱାଗତ କରେ , ସ୍ୱାଗତ କରେ
ସ୍ୱାଗତ ତୋତେ କରେ ;
ଲେନିନା, ମୋର
ଭିତ୍ତି କୋଳେ
ସ୍ୱାଗତ ତୋତେ କରେ ।
ସ୍ୱାଗତ କରେ ବଂଶ କୋଳେ ,
ସ୍ୱାଗତ କରେ ମୋ ପରିବାରେ ,
ସ୍ୱାଗତ କରେ , ପୁତ୍ରଜା ! ମୋ ସ୍ୱପ୍ନ ରାଇଜରେ ;
ସବୁରିପାଇଁ କାମନାହୀନ ଦରଦ-ଦୁନିଆଁରେ ।
ସ୍ୱାଗତ କରେ ଏ ଧରାପୁରେ ,
ଯେଉଁ ଧରାରେ ଜନମ ନେଲେ
ଜ୍ଞାନ ଆସଇ ମଣିଷ ଅଧିକାରେ,
ଭାଷା ଆସଇ ,
ଭାଷାରେ ଭାବ ବ୍ୟକ୍ତ ହୋଇପାରେ ।
ସ୍ୱାଗତ ତୋତେ କରେ ମୁଁ କରେ ସେହି ଧରଣୀପରେ ।

ପୁତ୍ରଜା ଗୋ !
ଏପରି ଏକ ମାଆର ତୁହି ଆତ୍ମଜା ଗୋ ,
ଜୀବନେ ଯିଏ ଲଗାଇଦେଲା ବାଜି ;
ପ୍ରସୂତିଶେଯେ ନିଶା ଓଷଧି
ନେବାର ଲାଗି ନ ହେଲା କେବେ ରାଜି ।

ପୁତ୍ରଜା ଗୋ !
ଏପରି ଏକ ବାପର ତୁହି ଆତ୍ମଜା ଗୋ ,
ମେଧାର ଯିଏ ସାକାର ରୂପ , ନୀତିର ପ୍ରତିମୂର୍ତ୍ତି ;
ଦୁନିଆଁ ସାରା ଯେତେକ ଦୁଃଖୀ
ସବୁରି ପାଇଁ ହୃଦୟେ ଯାର ଦରଦ ସଦା ଭର୍ତ୍ତି ।

ପୁତ୍ରଜା ଗୋ !
ଅନନ୍ୟ ଏହି ମାତାପିତାଙ୍କ ଆତ୍ମଜା ଗୋ !
ନିଖିଳ ମୋର ସତ୍ତାରେ ମୁଁ
ସ୍ୱାଗତ ତୋତେ କରେ ,
ଆଜି ବସୁଧାପୁରେ ।

ଯଦି ମୋ କିଛି ପୁଣ୍ୟଫଳ ଥାଏ
ସକଳ ତୋତେ ପ୍ରାପ୍ୟ ହେଉ ମାଏ ।

